# Akashvani, Sambalpur

## SAMBALPURI NEWS BULLETIN

### 4 December 2025 – 6.47- 6.52 am.

******************************************

ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ୍- ମୁଖ୍ୟମନ୍ତ୍ରୀ          I&PR

ଶାରୀରିକ୍ କ୍ଷମତା କି ଭିନ୍ନକ୍ଷମ୍ କ୍ଷମତା ପ୍ରତିଭାର୍ ବିକାଶ୍‌ଥି କେଭେଭିଲ୍ ବାଧା ଦେଇ ନାଇଁପାରେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ସୋଆ ଅଡ଼ିଟୋରିୟମ୍ ନ ରାଜ୍ୟ ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ୍ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ହେଇଥିବା ୩ ଦିନିଆ କାର୍ଯ୍ୟକ୍ରମ୍‌ର ଉଦ୍‌ଯାପନୀ ସମାରୋହଥି ଯୋଗ୍‌ଦେଇକରି ମୁଖ୍ୟମନ୍ତ୍ରୀ ନିଯୁକ୍ତିଦାତା ଆଉ ଶିକ୍ଷାନୁଷ୍ଠାନ୍ ମାନ୍‌କୁ ଭିନ୍ନକ୍ଷମ୍ ମାନ୍‌କର୍ ପ୍ରତିଭାର୍ ଉପଯୋଗ୍ କର୍‌ବାର୍ ଲାଗି ଆହ୍ୱାନ୍ ଦେଇଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

କାର୍ଯ୍ୟକ୍ରମ୍‌ଥି ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଭିଲ୍ ଉପସ୍ଥିତ୍ ଥିଲେ ।

ରେଲ୍ ବଜେଟ      ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଓଡ଼ିଶାକେ ୨୦୨୫-୨୬ ମସିହାଥି ୧୦ ହଜାର୍ ୫ ଶହ ୯୯ କୋଟି ଟଙ୍କାର୍ ରେଲ୍ ବଜେଟ୍ ଦିଆଯାଇଛେ । ୨୦୦୯ ନୁ ୨୦୧୪ ଭିତ୍‌ରେ ଓଡ଼ିଶାକେ ମାତରକ ୮ ଶହ ୩୮ କୋଟି ଟଙ୍କାର୍ ରେଲ୍ ବଜେଟ୍ ମିଲିଥିବାର୍ ବେଲେ ୨୦୨୫-୨୬ ମସିହାଥି ଇଟା ୧୩ ଗୁନ୍ ଅଏତ୍‌କା ଆଏ ବଲି ରେଲ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ । ଗଲାକାଏଲ୍ ସଂସଦ୍ ନ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ରେଲ୍‌ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ ଯେ, ଓଡ଼ିଶା ନ ୨୦୨୫ ଏପ୍ରିଲ୍‌ତକ୍ ୩୯ ଟା ପ୍ରକଳ୍ପ ମଞ୍ଜୁର୍ କରାଯାଇଛେ । ଇତାର୍‌ସହେତେ ୧୯ ଟା ନୂଆଁ ରେଲ୍‌ଲାଇନ୍ ଆଉ ୩୦ ଟା ରେଲ୍‌ଲାଇନ୍‌ର ଦୋହରିକରଣ୍ କାମ୍ ଜାରି ରହିଛେ ।

ପଂଚାୟତିରାଜ୍ ପ୍ରତିଷ୍ଠାନ ଅନୁଦାନ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶାର୍ ପଂଚାୟତିରାଜ୍ ପ୍ରତିଷ୍ଠାନ୍ ମାନ୍‌କର୍ ଲାଗି କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ଦିଆଯାଉଥିବା ଅନୁଦାନ୍ ବଢ଼୍‌ବାର୍‌କେ ଲାଗିଛେ । ଅଷ୍ଟମ ଅର୍ଥ ଆୟୋଗ୍ ସମିଆଥି ୨ ହଜାର୍ ୮ ଶହ ୯୮ କୋଟି ଟଙ୍କା ଅନୁଦାନ୍ ମିଲିଥିବାର୍ ବେଲେ ନବମ ଅର୍ଥ ଆୟୋଗଙ୍କର୍ ସମିଆଥି ୮ ହଜାର୍ ୮ ଶହ ୫୦ କୋଟି ଟଙ୍କା ଦିଆଯାଇଥିଲା । ସେନ୍ତା ଦଶମ ଅର୍ଥ ଆୟୋଗଙ୍କର୍ ସମିଆଥି ଓଡ଼ିଶାକେ ୧୧ ହଜାର୍ ୫୮ କୋଟି ଟଙ୍କା ଜାରି କରାଯାଇଛେ ବଲି କେନ୍ଦ୍ରମନ୍ତ୍ରୀ ରାଜୀବ୍ ରଞ୍ଜନ୍ ସିଂ ଗଲାକାଏଲ୍

କହିଛନ୍ । ସଂସଦ୍ ନ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ସେ କହିଛନ୍, ଆର୍‌ଜିଏସ୍ ଯୋଜ୍‌ନା ଅଧୀନ୍‌ଥି ପଂଚାୟତିରାଜ୍ ସଂସ୍ଥାମାନ୍‌କର୍ ନିର୍ବାଚିତ ପ୍ରତିନିଧି ଆଉ ସେମାନ୍‌କର୍ ଅଧିକାର୍ ଲାଗି ଗୁଟେ କେନ୍ଦ୍ରୀୟ ପାଣ୍ଠିଥି କ୍ଷମତା ନିର୍ମାଣ ତାଲିମ୍ ଦିଆଯାଉଛେ । ଇ ତାଲିମ୍‌ଥି ୨୦୨୨ - ୨୩ ମସିହାନୁ ଏବ୍‌ତକ୍ ଓଡ଼ିଶାର୍ ୬ ଲାଖ ୬୨ ହଜାର୍ ୩ ଶହ ୪୫ ଝନ୍ ନିର୍ବାଚିତ ପ୍ରତିନିଧି ଆଉ ପଂଚାୟତିରାଜ୍ ସଂସ୍ଥାମାନ୍‌କର୍ ଅଧିକାରୀମାନ୍‌କୁ ତାଲିମ୍ ଦିଆଯାଇଛେ ବଲି ମନ୍ତ୍ରୀ କହିଛନ୍ ।

ଗ୍ଲୋବାଲ୍ ଏନର୍ଜି ଲିଡର୍ସ ସମିଟ      ପୁରୀ ସମ୍ବାଦଦାତା

ଆଏବା କାଏଲ୍‌ଠାନୁ ୭ ତାରିଖ୍‌ତକ୍ ପୁରୀ ଠାନେ ଗ୍ଲୋବାଲ୍ ଏନର୍ଜି ଲିଡର୍ସ ସମିଟ -୨୦୨୫ ହେବାର୍‌କେ ଯାଉଛେ । ଇଥର ଓଡ଼ିଶା -ଉର୍ଜା କ୍ଷେତ୍ରଥି ଭାରତ୍‌ର ସବୁନୁ ପ୍ରଭାବ୍‌ଶାଳୀ ଗୁଟେ ଅଭୂତପୂର୍ବ ସମାବେଶ୍ 'ପହେଲା ସ୍ୱଚ୍ଛ ଉର୍ଜା ନେତୃତ୍ୱ ସମ୍ମିଳନୀ' ଆୟୋଜନ୍ କର୍‌ବାର୍‌କେ ଯାଉଛେ । କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ନବୀନ୍ ଆଉ ନବୀକରଣୀୟ ମନ୍ତ୍ରୀ ପ୍ରହ୍ଲାଦ ଯୋଷୀ, ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାଏକ୍, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ହିମାଚଲ୍ ପ୍ରଦେଶ୍‌ର ମୁଖ୍ୟମନ୍ତ୍ରୀ ସୁଖବିନ୍ଦର୍ ସୁଖୁ, ଛତିଶ୍‌ଗଡ଼୍ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ, ଆଉ ଅଲ୍‌ଗା ରାଜ୍ୟର୍ ମନ୍ତ୍ରୀମାନେ ସାମିଲ୍ ହେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ସହରାଂଚଲ୍ ଜୀବିକା ମିଶନ୍- ବୈଠକ୍ I&PR

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କର୍ ନିର୍ଦ୍ଦେଶ୍‌ଥି ଗଲାକାଏଲ୍ ମିଶନ୍ ଶକ୍ତି ଆଉ ଜାତୀୟ ସହରାଂଚଲ୍ ଜୀବିକା ମିଶନ୍‌ର ସମନ୍ୱୟ ଉପ୍‌ରେ ଗୁଟେ ରଣନୈତିକ୍ ବୈଠକ୍ ବିଭାଗ୍‌ର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ଭୁବ୍‌ନେଶ୍ୱର୍ ଖାରବେଳ ଭବନ୍ ନ ହେଇଥିବା ବୈଠକ୍‌ଥି ମହିଳାମାନ୍‌କର୍ ନେତୃତ୍ୱାଧୀନ୍ ସହରାଂଚଲ୍ ଜୀବିକା ଲାଗି ଗୁଟେ ବର୍‌କସ୍ ଆଉ ଅଏତ୍‌କା ସମନ୍ୱିତ ଇକୋ ସିଷ୍ଟମ୍ ଉପ୍‌ରେ ଧ୍ୟାନ୍ ଦେଇକରି ଏକିକୃତ ଯୋଜ୍‌ନା ଆଉ ବିତରଣ୍‌କେ ସୁନିର୍ଶ୍ଚିତ୍ କର୍‌ବାର୍ ଉପ୍‌ରେ ଆଲୋଚନା ହେଇଥିଲା । ସବୁ ସହରାଂଚଲ୍ ନ ମହିଳାମାନ୍‌କର୍ ଆର୍ଥିକ୍ ସଶକ୍ତିକରଣ୍‌କେ ଆଗ୍‌କେ ବଢ଼ାବାର୍ ଲାଗି ଗୁଟେ ସୁଗମ ସଂସ୍ଥାଗତ ସ୍ଥାପତ୍ୟ ଉପ୍‌ରେ ଶ୍ରୀମତୀ ପାଢ଼ୀ ଜୋର୍ ଦେଇଥିଲେ ।

ଏମ୍‌ଏସ୍‌ଏମ୍‌ଇ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଇ ବଛର୍ ଅକ୍ଟୋବର୍‌ତକ୍ ୧୨ ଲାଖ୍ ୨୪ ହଜାର୍ ଅଣୁ, କ୍ଷୁଦ୍ର ଆଉ ମଧ୍ୟମ୍ ଉଦ୍ୟୋଗ୍- ଏମ୍‌ଏସ୍‌ଏମ୍‌ଇ ପଞ୍ଜିକୃତ ହେଇଛେ । ୨ ବଛର୍ ଭିତ୍‌ରେ ୭ ଲାଖ୍ ୫ ହଜାର୍ ନୂଆଁ ଉଦ୍ୟୋଗ୍ ପଞ୍ଜିକୃତ ହେଇଥିବା

ଉଦ୍ୟମ୍ ପୋର୍ଟାଲ୍ ତଥ୍ୟନୁ ଜନାପଡ଼ିଛେ । ଗଲା ୫ ବଛର୍ ଭିତ୍ରେ କେତେଟା ଉଦ୍ୟୋଗ୍ ବନ୍ଦ୍ ହେଇଛେ, ସେଟା ଗନ୍ନା ହେବାର୍ ଉତ୍ରୁ ଜନାପଡ୍ବା । ଇହାଦେ କାର୍ଯ୍ୟକ୍ଷମ୍ ଥିବା ୯୩ ଲାଖ୍ ୨୩ ହଜାର୍ ୩ ଶହ ୪୧ ନିଯୁକ୍ତି ସୃଷ୍ଟି ହେଇଥିବା ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ବିଧାନ୍‌ସଭା ନ ସୂଚ୍‌ନା ଦେଇଛନ୍ ।

ଆଇଆଇଏମ୍‌ସି ଆଉ ଆଇଆଇଏମ I&PR

ପୂର୍ବ ଭାରତ୍ ନ ସହଯୋଗୀ, ଶୈକ୍ଷିକ ପଦକ୍ଷେପ୍ ମାନ୍‌କୁ ବିସ୍ତାର୍ କର୍‌ବାର୍ ଲାଗି ଢେଙ୍କାନାଲ୍ ଆଇଆଇଏମ୍‌ସି ଆଉ ଆଇଆଇଏମ୍ ସମ୍ବଲ୍‌ପୁର୍ ଭିତ୍ରେ ଗୁଟେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଯାଇଛେ । ଇ ବୁଝାମଣାପତ୍ରଥି ଆଇଆଇଏମ୍ ସମ୍ବଲ୍‌ପୁର୍ ନିର୍ଦ୍ଦେଶକ୍ ପ୍ରଫେସର୍ ମହାଦେଓ ଜୟଶ୍ୱାଲ୍, ଆଇଆଇଏମ୍‌ସିର କୁଳସଚିବ ମଧୁ ଏଲ୍. ନାଗ ଆଉ ଆଇଆଇଏମ୍‌ସିର ଆଂଚଲିକ୍ ନିର୍ଦ୍ଦେଶକ୍ ପ୍ରଫେସର୍ ଆନନ୍ଦ ପ୍ରଧାନ୍ ସ୍ୱାକ୍ଷର୍ କରିଥିଲେ । ଇ ସହଭାଗିତା ଅଧୀନ୍‌ଥି ଦୁହି ପ୍ରତିଷ୍ଠାନ୍ ଅଧ୍ୟାପକ ଆଉ ଛାତ୍ର ଆଦାନ୍‌ପ୍ରଦାନ୍, ସମ୍ମିଲନୀ, ସେମିନାର୍ ଆଉ କ୍ଷମତା ନିର୍ମାଣ୍ କର୍ମଶାଳାର୍ ଆୟୋଜନ୍ କର୍‌ବାର୍ ସହେତେ ଗଣମାଧ୍ୟମ୍ ଯୋଗାଯୋଗ୍ ପରିଚାଳନା ଉଦ୍ୟୋଗିତା ଆଉ ଡିଜିଟାଲ୍ ରୂପାନ୍ତରଣ୍ ବାଗିର୍ କ୍ଷେତ୍ରଥି ମିଳିତ୍ ଗବେଷଣା ପ୍ରକଳ୍ପ ଉପ୍‌ରେ କାମ୍ କର୍‌ବେ ।

ନୌସେନା ଦିବସ୍          ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଭାରତ୍‌ର ନୌସେନା ଦିବସ୍ । ଫି ବଛର୍ ଆଝିର୍ ଦିନ୍‌କେ ନୌସେନାର୍ ସମୃଦ୍ଧି, ପରାକାଷ୍ଠା ଆର୍ ଶକ୍ତିକେ ନେଇକରି ଇ ଦିବସ୍ ପାଲନ୍ କରାଯାଏସି । ଭାରତ୍- ପାକିସ୍ତାନ୍ ଯୁଦ୍ଧ ସମିଆଥି ୧୯୭୧ ମସିହା ନ ଭାରତୀୟ ନୌସେନା ସଫଲ୍ ହେଇଥିଲା । ଇତାକେ ସୋର୍ କରିକରି ଇ ଦିବସ୍ ପାଲନ୍ କରାଯାଏସି ।